# "ଏବେ କହୁଛି, ମତେ ୧୦ ଲକ୍ଷ ଟଙ୍କା ଦିଅ ଓ ଛାଡ଼ପତ୍ର କର" !

ମୋର ନାମ ତନ୍ୱୀର ଖାଲ୍‌ହିନ୍ । ଘର ଖୁର୍ଦ୍ଧା ଟାଉନ୍ ନିକଟରେ । ଆମେ ଦୁଇ ଭଉଣୀ ଓ ଗୋଟିଏ ଭାଇ । ମୁଁ ନିକଟସ୍ଥ ପି.ଏନ୍ କଲେଜର ଛାତ୍ର ଥିଲି । ବାପା ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ମୋର ବାହାଘର ନୟାଗଡ଼ ଜିଲ୍ଲାରେ ସମ୍ପର୍କୀୟ ମଉଷା ଝିଅଙ୍କ ସହିତ ତା-୧୦-୦୧-୨୦୧୬ରିଖ ଦିନ ମୁସଲିମ୍ ପଞ୍ଚାୟତର ରିତିରିବାଜ୍ ଅନୁସାରେ ହେଲା । ମୁଁ ଏବେ କଟକରେ ଏକ ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରୁଅଛି । ମୋ ସ୍ତ୍ରୀ ସହିତ ବହୁଦିନ ପୂର୍ବରୁ ମୋର ପ୍ରେମ ସମ୍ପର୍କ ରହିଥିଲା । ବିବାହର ଠିକ୍ ଅଠାଅସି ଦିନ ପରେ ଅର୍ଥାତ୍ ଏପ୍ରିଲ୍ ଆଠ ତାରିଖ ଦିନ ଘରୁ ସମସ୍ତ ସୁନା ଅଳଙ୍କାର ଧରି ସେ କୁଆଡ଼େ ପଳାଇଗଲା । ଦୈବାତ୍ ସେଦିନ ମୋର ଶାଶୁ ଆମ ଘରେ ଥିଲେ । ତା ପରଦିନ ଶ୍ୱଶୁରଙ୍କୁ ଡକାଇ ଖୁର୍ଦ୍ଧା ଥାନାରେ ଏକ କେସ୍ କରାଗଲା । ଯାହା ୧୭/୨୦୧୬ ନମ୍ବରରେ ପଞ୍ଜିକୃତ ଅଟେ ଏବଂ କେସ୍‌ଟିର ତଦନ୍ତ ଦାୟୀତ୍ୱ ଥାନାର ବରିଷ୍ଠ ପୋଲିସ୍ ଅଧିକାରୀ ପଟ୍ଟନାୟକ ସାର୍ ନେଇଛନ୍ତି । ଏହାର ଠିକ୍ ଚାଳିସ ଦିନପରେ ଆମ ନାମରେ ରାଜ୍ୟ ମହିଳା କମିଶନ୍‌ରେ ଏକ ମିଥ୍ୟା ମକଦ୍ଦମା କରାଗଲା । ମହିଳା କମିଶନ୍‌ରେ ତା-୧୮-୦୫-୨୦୧୬ରିଖ ଦିନ ମୁଁ, ବାପା, ଭଉଣୀ, ମାଆ ଇତ୍ୟାଦି ହାଜିରା ହେଲୁ । ମହିଳା କମିଶନ୍‌ରେ ଘଟଣା ବିଷୟରେ ଆଲୋଚନା କଲାବେଳେ ମହିଳା କମିଶନ୍‌ର ସଭ୍ୟା ମହାଶୟା ସ୍ତ୍ରୀକୁ ମୋର ଦୋଷ ଦେବାରୁ ଓ ମୁଁ ମୋ ସ୍ତ୍ରୀକୁ ନେବାକୁ ରାଜି ହେବାରୁ ମୋ ଶ୍ୱଶୁର ସତକଥା କହି ଦେବାରୁ ସ୍ତ୍ରୀ ସମସ୍ତ ଲାଜ ସରମ ଭୁଲି ମହିଳା କମିଶନ୍ ଅଫିସ୍ ଭିତରେ ମୋର ଶ୍ୱଶୁରଙ୍କୁ ବହୁ ଖରାପ୍ ଭାଷାରେ ଗାଳି ଗୁଲଜ୍ କଲେ । ବର୍ତ୍ତମାନ କଷ୍ଟ କଥା ହେଲା ମୋ ସ୍ତ୍ରୀ ଆମଘରୁ ୭ରୁ ୮ଲକ୍ଷ ଟଙ୍କାର ଗହଣା ନେଇ ପଳାଇଥିଲା । "ଏବେ କହୁଛି, ମତେ ୧୦ ଲକ୍ଷ ଟଙ୍କା ଦିଅ ଓ ଛାଡ଼ପତ୍ର କର" । ମୋର ଇଛା ବିରୁଦ୍ଧରେ ବାପା ତୁମକୁ ବିବାହ କରାଇଛନ୍ତି ଏବଂ ମତେ ଭଲପାଇ ବାହା ହେଇ କହିଥିବାରୁ ମୋ ସ୍ତ୍ରୀ ମୋତେ ଉତ୍ତର ଦେଲା ମୁଁ ତୁମକୁ ପ୍ରେମ କରୁଥିଲି ସତ । ତା ମାନେ ନୁହେଁ ଯେ, ତୁମକୁ ହିଁ ବାହା ହେବି । ଏଥିପାଇଁ ଓକିଲ ପରାମର୍ଶ କଲେ ମଧ୍ୟ ବରିଷ୍ଠ ଆଇନ୍‌ଜୀବୀମାନେ କହୁଛନ୍ତି, ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଆଦେଶ ଅନୁଯାୟୀ ତୁମ ସ୍ତ୍ରୀକୁ ଛାଡ଼ପତ୍ର ଦେବାପାଇଁ ହେଲେ ଯାହାବି ହେଉ ତୁମକୁ ଭରଣ ପୋଷଣ ବାବଦରେ ଅର୍ଥ ଦେବା ପାଇଁ ବାଧ୍ୟ । ଯଦି ମାନ୍ୟବର ଅଦାଲତଙ୍କ ଆଦେଶକୁ ଅବମାନନା କର ତେବେ, ପଇସା ଦେବା ପର୍ଯ୍ୟନ୍ତ ତୁମକୁ ଜେଲ୍‌ରେ ରହିବା ପାଇଁ ପଡ଼ିବ । ଏଠାରେ ମୋର ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ ଯେ, ଯଦି ଜଣେ ମହିଳା ତା'ର ଇଚ୍ଛା ମୁତାବକ ନିଜେ ନିଜ ଇଚ୍ଛାରେ ଛାଡ଼ି ଅନ୍ୟତ୍ର ବିବାହ କରେ କିମ୍ବା ସ୍ୱାମୀ ପାଖରେ ରହିବାକୁ ଚାହେଁ ନାହିଁ ବିଚରା ନିର୍ଦ୍ଦୋସ ସ୍ୱାମୀ କାହିଁକି ଅର୍ଥଦଣ୍ଡ ପାଇବ............ ? ? ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।